**ଭାରତୀୟ ରିଜର୍ଭ ବ୍ୟାଙ୍କ**
**ବିନିମୟ ନିୟନ୍ତ୍ରଣ ବିଭାଗ**
**କେନ୍ଦ୍ରୀୟ କାର୍ଯ୍ୟାଳୟ**
**ମୁମ୍ବାଇ-୪୦୦୦୦୧**

ଏ.ପି (ଡିଆଇଆର ସିରିଜ) ସର୍କୁଲାର ନଂ. ୩

ଜୁଲାଇ ୧୭, ୨୦୦୩

ପ୍ରାପ୍ତି
**ବୈଦେଶିକ ମୁଦ୍ରା ବିନିମୟ ପାଇଁ ପ୍ରାଧିକୃତ ସମସ୍ତ ଡିଲର୍**

ମହାଶୟ/ମହାଶୟା,

**କରେଣ୍ଟ ଆକାଉଣ୍ଟ କାରବାର-ଉଦାରୀକରଣ**

ସମୟ ସମୟରେ ସଂଶୋଧିତ ହେଉଥିବା ବୈଦେଶିକ ମୁଦ୍ରା ବିନିୟମ ପରିଚାଳନା (କରେଣ୍ଟ ଆକାଉଣ୍ଟ କାରବାର) ନିୟମ, ୨୦୦୦ର ନିୟମ ୫ର ଅନୁସୂଚୀ III ଅଧୀନରେ ବୈଦେଶିକ ମୁଦ୍ରା ନିର୍ମୁକ୍ତି ପାଇଁ ପ୍ରଚଳିତ ସୀମା ପ୍ରତି ପ୍ରାଧିକୃତ ଡିଲରମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି। ଅଧିକ ଉଦାରୀକରଣର ଏକ ପଦକ୍ଷେପ ଭାବେ, ବର୍ତ୍ତମାନର ସୀମାକୁ ନିମ୍ନରେ ଦର୍ଶାଯାଇଥିବା ଅନୁଯାୟୀ ଆହୁରି ବୃଦ୍ଧି କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି :

| କ୍ର.ସଂ | ଅନୁସୂଚୀ III ର. | ଉଦ୍ଦେଶ୍ୟ | ପ୍ରଚଳିତ ସୀମା (ୟୁଏସ ଡଲାରରେ) | ପ୍ରସ୍ତାବିତ ସୀମା (ୟୁଏସ ଡଲାରରେ) |
|---|---|---|---|---|
| ୧ | ୫ | ବିଦେଶରେ ନିଯୁକ୍ତି | ୫,୦୦୦ | ୧୦୦,୦୦୦ |
| ୨ | ୬ | ସ୍ୱଦେଶ ତ୍ୟାଗ | ୫,୦୦୦ | ୧୦୦,୦୦୦ |
| ୩ | ୬(ii) | ବିଦେଶରେ ରହୁଥିବା ନିକଟ ସଂପର୍କୀୟଙ୍କ ଭରଣପୋଷଣ | ୫,୦୦୦ | ୧୦୦,୦୦୦ |
| ୪ | ୧୦ | ବିଦେଶରେ ଶିକ୍ଷା | ୩୦,୦୦୦ | ୧୦୦,୦୦୦ |

୨. ତେଣୁ ପ୍ରତ୍ୟକେ ବର୍ଗ ପାଇଁ ଉପରେ ଦର୍ଶାଯାଇଥିବା ସୀମା ପର୍ଯ୍ୟନ୍ତ ଅର୍ଥ କାରବାରକୁ ପ୍ରାଧିକୃତ ଡିଲରମାନେ ଅନୁମତି ପ୍ରଦାନ କରିପାରିବେ। ଏହା ସପକ୍ଷରେ କୌଣସି କାଗଜପତ୍ର ପାଇଁ ବାଧ୍ୟ ନ କରାଯାଇ କେବଳ ଫର୍ମରେ ଏ ୨ ରେ କାରବାରର ମୌଳିକ ବିବରଣୀ ଓ ଦରଖାସ୍ତ ଦାଖଲକୁ ଭିତ୍ତି କରି ଏହା ସମ୍ପାଦନ କରାଯାଇପାରିବ। ଦରଖାସ୍ତକାରୀଙ୍କ ଦ୍ୱାରା ବୈଦେଶିକ ମୁଦ୍ରାର କ୍ରୟ ଚେକ୍ ଅଥବା ଡିମାଣ୍ଡ ଡ୍ରାଫ୍ଟ କିମ୍ବା ତାଙ୍କ ଆକାଉଣ୍ଟ ପ୍ରତି ଡେବିଟ୍ ଆକାରରେ କରାଯିବାକୁ ପ୍ରାଧିକୃତ ଡିଲରମାନେ ସୁନିଶ୍ଚିତ କରିବା ଆବଶ୍ୟକ।

<u>ସ୍ୱାସ୍ଥ୍ୟ ଚିକିତ୍ସା</u>

୩. ସେପ୍ଟେମ୍ବର ୧୨, ୨୦୦୨ ଏ.ପି (ଡିଆଇଆର ସିରିଜ) ସର୍କୁଲାର ନଂ. ୧୭ ପ୍ରତି ମଧ୍ୟ ପ୍ରାଧିକୃତ ଡିଲରମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି, ଯାହା ଅନୁଯାୟୀ ବିଦେଶରେ ସ୍ୱାସ୍ଥ୍ୟ ଚିକିତ୍ସା ପାଇଁ ୟୁଏସଡି ୫୦,୦୦୦ ଅଥବା ତତ୍ତୁଲ୍ୟ ପରିମାଣର ବୈଦେଶିକ ମୁଦ୍ରା ନିର୍ମୁକ୍ତ କରାଯାଇ ପାରିବ, ଏବଂ ଏଥି

ନିମନ୍ତେ ଚିକିତ୍ସାଳୟ/ଡାକ୍ତରଙ୍କ ଦ୍ୱାରା ପ୍ରଦତ୍ତ ବ୍ୟୟ ଅଟକଳ ଦାଖଲ କରାଯିବା ପାଇଁ ବାଧ୍ୟ କରାଯିବାର ଆବଶ୍ୟକତା ନାହିଁ। ତେଣୁ ଏହା ପରଠାରୁ ପ୍ରାଧିକୃତ ଡିଲରମାନେ ଭାରତ ଅଥବା ଭାରତ ବାହାରର ଚିକିତ୍ସାଳୟ/ଡାକ୍ତରଙ୍କ ଦ୍ୱାରା ପ୍ରଦତ୍ତ ବ୍ୟୟ ଅଟକଳ ଦାଖଲ କରିବା ପାଇଁ ନିବାସୀ ଭାରତୀୟଙ୍କୁ ବାଧ୍ୟ ନକରି, ବିଦେଶରେ ଚିକିତ୍ସା ପାଇଁ ୟୁଏସଡି ୧୦୦,୦୦୦ ବା ତତ୍ତୁଲ୍ୟ ପରିମାଣର ବୈଦେଶିକ ମୁଦ୍ରା ନିର୍ମୁକ୍ତ କରିପାରିବେ। ଅନ୍ୟାନ୍ୟ ସର୍ତ୍ତାବଳୀ, ଯାହାକି ଉକ୍ତ ପରିପତ୍ରର ପାରା ୩ରେ ପ୍ରଦାନ କରାଯାଇଥିଲା, ଅପରିବର୍ତ୍ତିତ ରହିବ।

<u>ପରାମର୍ଶ ସେବା</u>

ଭାରତ ବାହାରୁ ହାସଲ କରାଯାଉଥିବା ପରାମର୍ଶ ସେବା ପାଇଁ ପ୍ରତି ପ୍ରକଳ୍ପ ପିଛା କାରବାରର ସୀମା ୟୁଏସଡି ୧ ମିଲିୟନକୁ ବୃଦ୍ଧି କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି, ପୂର୍ବରୁ ଏହା ଅନୁସୂଚୀ III ର ଦଫା ୧୫ ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ଏହାର ସୀମା ୟୁଏସଡି ୧୦୦,୦୦୦ ରହିଥିଲା। ପ୍ରାଧିକୃତ ଡିଲରମାନେ ଏବେ ୟୁଏସଡି ୧ ମିଲିୟନ ପର୍ଯ୍ୟନ୍ତର ଅର୍ଥ ନେଣଦେଣକୁ ଅନୁମତି ଦେଇପାରିବେ, ଯାହାକି ଗ୍ରାହକଙ୍କ ଦ୍ୱାରା ପ୍ରାଧିକୃତ ଡିଲରଙ୍କୁ ସନ୍ତୁଷ୍ଟ କରିପାରୁଥିବା ଭଳି କାଗଜପତ୍ରର ଦାଖଲ ଉପରେ ନିର୍ଭର କରେ।

୫. ବୈଦେଶିକ ମୁଦ୍ରା ବିନିମୟ ପରିଚାଳନା (କରେଣ୍ଟ ଆକାଉଣ୍ଟ କାରବାର) ନିୟମ, ୨୦୦୦ର ଆବଶ୍ୟକୀୟ ସଂଶୋଧନ ସମ୍ବନ୍ଧରେ ପୃଥକ ଭାବେ ଅଧିସୂଚିତ କରାଯିବ।

୬. ପ୍ରାଧିକୃତ ଡିଲରମାନେ ଏହି ପରିପତ୍ରର ବିଷୟବସ୍ତୁକୁ ସେମାନଙ୍କ ଶାଖାମାନଙ୍କ ଦୃଷ୍ଟିକୁ ଆଣିବା ଆବଶ୍ୟକ।

୭. ଏହି ପରିପତ୍ରର ସମ୍ବଳିତ ନିର୍ଦ୍ଦେଶାବଳୀଗୁଡିକୁ ବୈଦେଶିକ ମୁଦ୍ରା ବିନିମୟ ପରିଚାଳନା (କରେଣ୍ଟ ଆକାଉଣ୍ଟ କାରବାର) ନିୟମ, ୧୯୯୯ (୧୯୯୯ର ୪୨)ର ଧାରା ୧୦(୪) ଓ ଧାରା ୧୧(୧) ଅଧିନରେ ଜାରୀ କରାଯାଇଛି।

ଆପଣଙ୍କ ବିଶ୍ୱସ୍ତ

**ଗ୍ରେସ୍ କୋଶି**

ମୁଖ୍ୟ ମହା ପ୍ରବନ୍ଧକ